**ସଂକ୍ଷେପରେ**

### ମାପ ଓଜନ ବିଭାଗର ଚଢ଼ାଉ
## ୩ ମାମଲା ରୁଜୁ, ଜରିମାନା ଆଦାୟ



**ଆସିକା,୨୪।୯(ଡି.ଏନ୍.ଏ.):** ମାପ ଓଜନ ବିଭାଗ ପକ୍ଷରୁ ମଙ୍ଗଳବାର ଆସିକା ଏନ୍‌ଏସିର ବଜାର ସାହି, ବିନାୟକ ବଜାର, ଲକ୍ଷ୍ମୀ ବଜାର, ବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳରେ ଥିବା ସୁନାରୂପା ଦୋକାନ, ବିଦ୍ୟୁତ୍ ଉପକରଣ ଦୋକାନ, ହାର୍ଡୱେର୍ ଦୋକାନ ଓ ପେଟ୍ରୋଲ୍ ପମ୍ପ ଉପରେ ଚଢ଼ାଉ କରାଯାଇଥିଲା। ଏଥିରେ ତିନୋଟି ବ୍ୟବସାୟ ପ୍ରତିଷ୍ଠାନରୁ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ୩ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଚଢ଼ାଉ ସୂଚନା ପାଇ ବହୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହୋଇଯାଇଥିଲା। ଆସିକା ବଜାର ସାହିରେ ଗୋଟିଏ ସୁନା ଦୋକାନରେ ଚଢ଼ାଉ କରାଯାଇ ଓଜନ ଯନ୍ତ୍ର ଜବତ ସହ ୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ସେହିଭଳି ବିନାୟକ ବଜାର ଓ ଲକ୍ଷ୍ମୀ ବଜାରରେ ଥିବା ଏକ ବିଦ୍ୟୁତ୍ ଉପକରଣ ଦୋକାନରୁ ୫ ହଜାର ଟଙ୍କା ଓ ହାର୍ଡୱେର୍ ଦୋକାନରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି। ଆସିକା ଭାରପ୍ରାପ୍ତ ତହସିଲଦାର୍ ଆଶୁତୋଷ ଗୌରବ କର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଚଢ଼ାଉରେ ସାମିଲ୍ ହୋଇଥିଲେ । ମାପ ଓଜନ ବିଭାଗ ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାସ ଓ ବିଭାଗୀୟ କର୍ମଚାରୀ ଏଥିରେ ସାମିଲ୍ ଥିଲେ।

## ୩ ଫେରାର୍ ଅଭିଯୁକ୍ତ ଗିରଫ

**ଆସିକା,୨୪।୯(ଡି.ଏନ୍.ଏ.):** ଆସିକା ଥାନା କୌବଲ୍ୟପୁର ଗ୍ରାମରୁ ପୋଲିସ ମଙ୍ଗଳବାର ୩ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର କବିରାଜ ବେହେରା, ମଧୁରୀ ବେହେରା ଓ ଇନ୍ଦ୍ରମଣି ବେହେରା। ଅଭିଯୁକ୍ତମାନେ ଫୌଜଦାରୀ ମାମଲାରେ ସମ୍ପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିଲେ। ଅଦାଲତ ପକ୍ଷରୁ ସେମାନଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି।

### ଗଞ୍ଜାମ ଜିଲା କଂଗ୍ରେସର ଦାବି
# ବ୍ରହ୍ମପୁରରେ ଖୋଲାଯାଉ ସ୍ଥାୟୀ ଏଆରଟିଓ ଅଫିସ
### ନ ହେଲେ ଆନ୍ଦୋଳନ ଚେତାବନୀ

ବ୍ରହ୍ମପୁର ଅଫିସ,୨୪।୯

ଗଞ୍ଜାମ ଜିଲାର ବଡ଼ ସହର ବ୍ରହ୍ମପୁରରେ ଆଞ୍ଚଳିକ ପରିବହନ ସଂସ୍ଥାର ସ୍ଥାୟୀ ଏଆରଟିଓ ଅଫିସ ଖୋଲାଯିବାକୁ କଂଗ୍ରେସ ଦାବି କରିଛି। ନ ଚେତ ପ୍ରତିବାଦରେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ଦଳ ପକ୍ଷରୁ ମଙ୍ଗଳବାର କୁହାଯାଇଛି, ନୂଆ ଟ୍ରାଫିକ ଆଇନ୍ ଲାଗୁ ହେବାରୁ ଯାନବାହନ ଚଳାଚଳରେ ଅନେକ କଟକଣା ରହିଛି। ତେଣୁ ଲୋକେ ବ୍ୟତିବ୍ୟସ୍ତ ହୋଇ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ କାଗଜପତ୍ର ଠିକ୍ କରିବା ପାଇଁ ତତ୍ପର ହୋଇଛନ୍ତି। ତେବେ ଜିଲା ଆରଟିଓ ଅଫିସ ଛତ୍ରପୁରରେ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏହାର ସମାଧାନ ଲାଗି ବ୍ରହ୍ମପୁରରେ ସ୍ଥାୟୀ ଏଆରଟିଓ ଅଫିସ ଖୋଲାଯିବା ପାଇଁ ଦୀର୍ଘବର୍ଷରୁ ଦାବି କରାଯାଇଛି। ଭଞ୍ଜନଗରରେ ସ୍ଥାୟୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ବ୍ରହ୍ମପୁର ପାଇଁ ସରକାର ଓ ପ୍ରଶାସନ ଅଣଦେଖା କରୁଥିବା କଂଗ୍ରେସ ଅଭିଯୋଗ କରିଛି।

ବ୍ରହ୍ମପୁର ସହର ଏବଂ ଏହି ସବ୍‌ଡିଭିଜନର ବିଭିନ୍ନ ସ୍ଥାନରେ ହଜାର ହଜାର ଦୁଇ ଓ ୪ ଚକିଆ ଗାଡ଼ି ଅଛି। ତେଣୁ ଏଠାରେ ଏଆରଟିଓ ଖୋଲାଯିବାର ଯଥାର୍ଥତା ରହିଛି। ଗତ ସୋମବାର ଖଲ୍ଲିକୋଟ ସ୍ୱୟଂଶାସିତ କଲେଜରେ ଆରଟିଓ କ୍ୟାମ୍ପ ଅଫିସ ଖୋଲାଗଲା। ଏହା ମାତ୍ର ୩ ଦିନ ଚାଲିବ ଓ ଗୁରୁବାରରୁ ବନ୍ଦ ହୋଇଯିବ। କର୍ମଚାରୀ ଅଭାବରୁ ଅଧିକ ଦିନ କ୍ୟାମ୍ପ ଅଫିସ ଚାଲିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଆରମ୍ଭ ଦିନରୁ ହିଁ ସ୍ପଷ୍ଟ କରି ଦିଆଯାଇଛି। ଏହା ଜଣାପଡ଼ିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଓ ମହାନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା କହିଛନ୍ତି, ଗତ ସପ୍ତାହରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଗଞ୍ଜାମ ଗସ୍ତରେ ଆସିଥିଲେ। ବ୍ରହ୍ମପୁରରେ ସ୍ଥାୟୀ ଏଆରଟିଓ ଅଫିସ ଖୋଲାଯିବାର ସେ ଛତ୍ରପୁରରେ ଗଣମାଧ୍ୟମକୁ ସୂଚାଇଥିଲେ। ତେବେ ପ୍ରଶାସନ ଭିନ୍ନ ମନ୍ତବ୍ୟ ଦେଇଥିବାରୁ ମନ୍ତ୍ରୀଙ୍କ ସୂଚନା ପ୍ରହସନ ହୋଇଥିବା କଂଗ୍ରେସ କହିଛି।

କେବଳ ଆରଟିଓ ଅଫିସ ନୁହେଁ, ବିଭିନ୍ନ କ୍ଷେତ୍ରରେ ସରକାର ବ୍ରହ୍ମପୁର ପ୍ରତି ଅବହେଳା କରିଥିବା କଂଗ୍ରେସ ପକ୍ଷରୁ ସଂଗିନ ଅଭିଯୋଗ ହୋଇଛି। ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନିର୍ବାଚନୀ ପ୍ରଚାର ସମୟରେ କହିଥିଲେ। ଭୋଟ ସରିବା ପରେ ଏହାକୁ ଭୁଲି ଯାଇଛନ୍ତି। ସାମାନ୍ୟ ବର୍ଷାରେ ବ୍ରହ୍ମପୁରର ସମସ୍ତ ରାସ୍ତାଘାଟରେ ମଇଳା ପାଣି ଲହଡ଼ି ମାରୁଛି। ଖାଲଖମାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗତ ଦୁଇ ତିନିଦିନର ଲଗାଣ ବର୍ଷାରେ ସହର ଅବସ୍ଥା ଅଧିକ ଶୋଚନୀୟ ହୋଇଯାଇଛି। ବ୍ରହ୍ମପୁରକୁ ରାଜ୍ୟର ୧ ନମ୍ବର ସହର କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ ହୋଇଥିବା ତାଙ୍କ ଦଳ ନେତା ଓ କର୍ମୀ ପ୍ରଚାର କରୁଥିବା ଲଜ୍ଜାଜନକ ବୋଲି ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା କହିଛନ୍ତି। ବହୁ ପ୍ରଚାରିତ ଜାନିବିଲି ପାଣି ଆସିଲାନି, ହଳଦିଆପଦର ବସ୍ ଟର୍ମିନାଲ ଉଦ୍‌ଘାଟନର ୪ ବର୍ଷ ପୂରିବାକୁ ଯାଉଥିବା ବେଳେ ତାଲା ଖୋଲୁନି, ସହର ସାରା ଖୋଳା ଯାଇଥିବା ରାସ୍ତା ମରାମତି ବା ପୁନଃ ନିର୍ମାଣ ହୋଇ ନ ଥିବା ବେଳେ ଏବେ ଏଆରଟିଓ ଅଫିସ ସ୍ୱପ୍ନ ହୋଇଯାଇଥିବା କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।




ବ୍ରହ୍ମପୁର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନିଯୁକ୍ତି ଦାବିରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୪।୯

ଦେଶ ତଥା ରାଜ୍ୟରେ ବୃଦ୍ଧି ପାଉଥିବା ବେକାରି ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗନାଇଜେଶନ୍(ଏଆଇଡିୱାଇଓ)। ମଙ୍ଗଳବାର ସଂଗଠନ ପକ୍ଷରୁ ରାଜ୍ୟବ୍ୟାପି ଯୁବ ବିକ୍ଷୋଭ ଦିବସ ପାଳନ କରାଯାଇଛି। ଏହି ଅବସରରେ ବ୍ରହ୍ମପୁର ତହସିଲ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ବେକାରୀଙ୍କୁ ସ୍ଥାୟୀ ନିଯୁକ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ତୁରନ୍ତ ପୂରଣ କରିବା, ସରକାରୀ ଉଦ୍ୟୋଗରେ କିଆଫୁଲ ଶିଳ୍ପ ପ୍ରତିଷ୍ଠା, କ୍ୱାରୀ ଶ୍ରମିକଙ୍କୁ ନିୟମିତ କାମ ଯୋଗାଇବା ଏବଂ କୃଷି ଭିତ୍ତିକ ଶିଳ୍ପ ଓ ସାମୁଦ୍ରିକ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଦାବିରେ ବିକ୍ଷୋଭ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନ ଆଞ୍ଚଳିକ କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତିଙ୍କ ସମେତ ମଧୁସୂଦନ ଦାସ, ପ୍ରଶାନ୍ତ ଭୂୟାଁ, ଅରୁଣ କୁମାର ଦଳେଇ, ମାଧବ ଦାସ ଓ ଦିବ୍ୟା ଭାରତୀ ନାୟକଙ୍କ ସହ ବହୁ କର୍ମୀ ଭାଗ ନେଇଥିଲେ।

### ଏଆଇୱାଇଏଫ୍, ଏଆଇଏସ୍ଏଫ୍‌ର କନ୍‌ଭେନ୍‌ଶନ୍
# ଫାସିବାଦ ବିରୋଧରେ ଲଢ଼େଇ ଆହ୍ୱାନ

ବ୍ରହ୍ମପୁର ଅଫିସ,୨୪।୯

ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନଷ୍ଟ କରି ଫାସିବାଦ ଶାସନ ଚାଲିଛି। ଯେଉଁ ଶାସନ ବ୍ୟବସ୍ଥାରେ ଦଳିତ, ସଂଖ୍ୟାଲଘୁମାନଙ୍କୁ ହିଂସାରେ ମାରିଦିଆ ଯାଉଛି। ଦେଶରେ ଗୋଟିଏ ପରେ ଗୋଟିଏ ଲୋକାଭିମୁଖି ଆଇନକୁ ଉଚ୍ଛେଦ କରାଯାଉଛି। ଶିକ୍ଷା ବ୍ୟବସ୍ଥାରେ ସାମ୍ପ୍ରଦାୟିକତା ଭରିଦେବାକୁ ଚେଷ୍ଟା ଚାଲିଛି। ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦେଶରେ ଚାଲିଥିବା ଫାସିବାଦ ଶାସନ ବିରୋଧରେ ପ୍ରତ୍ୟେକ ଯୁବକ, ଛାତ୍ର ଏକାଠି ହୋଇ ଆନ୍ଦୋଳନ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ମଙ୍ଗଳବାର ଆୟୋଜିତ କନ୍‌ଭେନ୍‌ଶନ୍‌ରେ ମତପ୍ରକାଶ ପାଇଛି। ଅଖିଳ ଭାରତ ଯୁବ ସଂଘ(ଏଆଇୱାଇଏଫ୍) ଏବଂ ଅଖିଳ ଭାରତ ଛାତ୍ରସଂଘ(ଏଆଇଏସ୍ଏଫ୍) ମିଳିତ ଆନୁକୂଲ୍ୟରେ ଆୟୋଜିତ କନ୍‌ଭେନ୍‌ଶନ୍ ଆସନ୍ତା ୨୭ତାରିଖରେ ଭୁବନେଶ୍ୱରରେରେ ଅନୁଷ୍ଠିତ ହେବାକୁ ଥିବା 'ରାଜ ଭବନ ଚାଲ' ବିକ୍ଷୋଭରେ ଅଧିକ ଯୁବକ ଛାତ୍ରଙ୍କୁ ସାମିଲ୍ କରିବାକୁ ଆଲୋଚନା ହୋଇଥିଲା।




କନ୍‌ଭେନ୍‌ଶନ୍‌ରେ ମଞ୍ଚାସୀନ ଉଭୟ ସଂଗଠନର ପଦାଧିକାରୀ।

କନ୍‌ଭେନଶନ୍‌ରେ ଏଆଇଏସ୍ଏଫ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସେଠୀ, ଜିଲା ସଭାପତି କାମଦେବ ନାହାକ, ଏଆଇୱାଇଏଫ୍‌ର ଜିଲା ସଭାପତି ସୁଶାନ୍ତ ସ୍ୱାଇଁ, ଜିଲା ସମ୍ପାଦକ କୃଷ୍ଣ ରାଉଳ, ଉପସଭାପତି ମନୋଜ କୁମାର ଗୌଡ଼, ଗୁରୁନାଥ ପ୍ରଧାନ, ଏଆଇଏସ୍ଏଫ୍ ଜିଲା ଉପସଭାପତି ସୁମନ୍ତ ନାହାକ, ମିଟୁ ସେଠୀ ଏବଂ ସସ୍ମିତା ସେଠୀ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଜମ୍ମୁ ଓ କାଶ୍ମିରରେ ସୃଷ୍ଟି ହୋଇଥିବା ସଂକଟ ଓ ସ୍ଥାନୀୟ ବାସିନ୍ଦାଙ୍କ ଗଣତାନ୍ତ୍ରିକ ଓ ମାନବାଧିକାର, ଭଗତ ସିଂ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରଣୟନ, ନିର୍ବାଚନ ସଂସ୍କାର ପାଇଁ ଆଇନ, ଜନବିରୋଧୀ ନୂତନ ମୋଟରଯାନ ଆଇନ ବାତିଲ୍, ଜାତୀୟ ଶିକ୍ଷାନୀତିକୁ ବାତିଲ୍, ସମାନ ଓ ବିଜ୍ଞାନ ସମ୍ମତ ମାଗଣା ଶିକ୍ଷା, ଠିକା ନିଯୁକ୍ତି ପ୍ରଥା ବାତିଲ୍, ବନ୍ଦ ପଡ଼ିଥିବା ଶିଳ୍ପ ଓ ଖଣି ଖାଦାନ ଖୋଲିବା, ବେକାରିଙ୍କୁ ନିଯୁକ୍ତି, ଛାତ୍ର ସଂସଦ ନିର୍ବାଚନ, ରାଜ୍ୟରେ ପର୍ଯ୍ୟଟନ ବିକାଶ, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା, ପ୍ରଦୁଷଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଯୁବତୀଯୁବକ ଏଥିରେ ଭାଗ ନେଇଥିଲେ।

## ଗୋରୁଙ୍କ ରୋଗ ନିରାକରଣ ପାଇଁ ଅଣ୍ଟା ଭିଡ଼ିଲା ପ୍ରାଣୀ ବିଭାଗ

**ଧରାକୋଟ,୨୪।୯(ଡି.ଏନ.ଏ.)**

ଧରାକୋଟ ଅଞ୍ଚଳରେ ଗୋରୁମାନଙ୍କୁ ବ୍ୟାପିଥିବା ରୋଗକୁ ନେଇ ଚାଷୀମାନଙ୍କ ମଧ୍ୟରେ ଭାଳେଣି ସୃଷ୍ଟି କରିଛି। ଏହି ରୋଗ ମୁଖ୍ୟତଃ ଗୋରୁଙ୍କୁ ହେଉଥିବା ଦେଖିବାକୁ ମିଳୁଛି। ଏହି ରୋଗ ପ୍ରଥମେ ଗୋରୁଙ୍କ ଦେହରେ ବଡ଼ ବଡ଼ ଫୋଟକା ହେବା ସହ ପରେ ଏଗୁଡ଼ିକ ଫାଟି ଶରୀରରେ ବ୍ୟାପିଥାଏ। ଏହାର ନିରାକରଣ ପାଇଁ ଚାଷୀ କୌଣସି ଉପାୟ ପାଉ ନ ଥିବା ବେଳେ ଡାକ୍ତରୀ ଔଷଧ ମଧ୍ୟ ଫେଲ ମାରିଛି। ଫଳସ୍ୱରୂପ ଧରାକୋଟ ପ୍ରାଣୀ ଚିକିତ୍ସକ ଡା. ମାନସ ରଞ୍ଜନ ପୋଲାଇ ଏ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ଜଣାଇଥିଲେ। ମଙ୍ଗଳବାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ତ୍ରିନାଥ ନାୟକଙ୍କ ନେତୃତ୍ୱରେ ରାଜ୍ୟ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ ଡା. ମିହିର କୁମାର ନାୟକ ଓ ବିଶେଷଜ୍ଞ ଡାକ୍ତରୀ ଦଳ ପହଞ୍ଚି ଆକ୍ରାନ୍ତ ଗୋରୁଙ୍କ ରକ୍ତ ଓ ଚର୍ମ ନମୂନା ସଂଗ୍ରହ କରି ଚାଷୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇ ଫେରିଛନ୍ତି। ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଏହା ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ ଏବଂ ଏଥିରେ ଆତଙ୍କିତ ନ ହେବା ପାଇଁ ଚାଷୀଙ୍କୁ କହିଛନ୍ତି। ରିପୋର୍ଟ ଆସିବା ପରେ ଶୀଘ୍ର ଆକ୍ରାନ୍ତଙ୍କୁ ଔଷଧ ପ୍ରଦାନ କରାଯିବ। ବର୍ତ୍ତମାନ ଚାଷୀମାନେ ଉପାୟ ନ ପାଇ ହଳଦୀ, ନିମ୍ବପତ୍ର ଓ ଘୃତକୁମାରୀ ରସରେ ଲେପ କରି ଆକ୍ରାନ୍ତ ପ୍ରାଣୀଙ୍କୁ ଚିକିତ୍ସା କରୁଛନ୍ତି। ସେମାନଙ୍କୁ ମେଳରୁ ଅଲଗା ରଖିବା ପାଇଁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଛି। ଏହି ରୋଗ ଧରାକୋଟ ବ୍ଲକର ମୁଣ୍ଡମରାଇ, କୁଶଗୁମା ଗ୍ରାମରେ ଅଧିକ ବ୍ୟାପିବା ସହ ଅନ୍ୟ ଗ୍ରାମରେ ମଧ୍ୟ ବ୍ୟାପିବାକୁ ଲାଗିଲାଣି।

### ସଫଳ କରାଟେ ଖେଳାଳିଙ୍କ ଘରବାହୁଡ଼ା
# ବ୍ରହ୍ମପୁରରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨୪।୯

ହାଇଦ୍ରାବାଦ୍‌ରେ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜାତୀୟ ଓପନ୍ କରାଟେ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଦଳ ତରଫରୁ ଖେଳିଥିବା ଟିମ୍‌ରେ ବ୍ରହ୍ମପୁର କଳିଙ୍ଗ ଫାଇଟ୍ ସ୍କୁଲର ୮ ଖେଳାଳି ଭାଗ ନେଇଥିଲେ। ଖେଳାଳିମାନେ ବିଭିନ୍ନ ବିଭାଗରେ ଭାଗନେଇ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୬ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜୁନିୟର୍ ମହିଳା ବର୍ଗରେ ତେଜେଶ୍ୱିନୀ ପାଢୀ କାଟାରେ ଭାଗନେଇ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କୁମିତିରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆକାଂକ୍ଷା ସାହୁ କାଟାରେ ଗୋଟିଏ ସ୍ୱର୍ଣ୍ଣ ଏବଂ କୁମିତିରେ ଗୋଟିଏ ବ୍ରୋଞ୍ଜ, କେ.ଅନିଶା ରାଣୀ ପାତ୍ର କାଟାରେ ଗୋଟିଏ ରୌପ୍ୟ ଏବଂ କୁମିତିରେ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଜୁନିୟର୍ ପୁରୁଷ ବର୍ଗରେ ଜି.ଦେବାନନ୍ଦ ରେଡ୍ଡୀ କାଟାରେ ଗୋଟିଏ ସ୍ୱର୍ଣ୍ଣ ଏବଂ କୁମିତିରେ ଗୋଟିଏ ବ୍ରୋଞ୍ଜ, ସତ୍ୟମ୍ ଦେବ କାଟାରେ ଗୋଟିଏ ବ୍ରୋଞ୍ଜ ଏବଂ କୁମିତିରେ ଗୋଟିଏ ରୌପ୍ୟ ପଦକ, ତନ୍ମୟ ସାହୁ ଗୋଟିଏ ଲେଖାଏ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ, ପି.ନରସିଂହ ରେଡ୍ଡୀ ଗୋଟିଏ ରୌପ୍ୟ, ସିନିୟର୍ ପୁରୁଷ ବର୍ଗରେ ବି.ଶଙ୍କର ରେଡ୍ଡୀ କୁମିତିରେ ଗୋଟିଏ ସ୍ୱର୍ଣ୍ଣ ଏବଂ କାଟାରେ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ମଙ୍ଗଳବାର ସକାଳେ ସଫଳ ଖେଳାଳିମାନେ ବ୍ରହ୍ମପୁରରେ ପହଞ୍ଚିବା ପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଚ୍ ଏନ୍.ବାଳକୃଷ୍ଣ ରେଡ୍ଡୀ ଏବଂ ମ୍ୟାନେଜର ବି.ଯଶଦେବ ରେଡ୍ଡୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ବତୀ ଦେବୀ, ଜି.ବିଦ୍ୟାଶ୍ରୀ, ଏନ୍.ସୁରେଶ, ପି.ରମେଶ, ଡା. ଏ.ଏମ୍. ମହାପାତ୍ର, ରାଜେନ୍ଦ୍ର କୁମାର ପାତ୍ର, ଜ୍ୟୋତିରାଜ୍ ପାଢୀ, ଗୀତାଞ୍ଜଳି ପାଢୀ, ଜି.ଜଗନ୍ନାଥ ରେଡ୍ଡୀ ଓ ଜି.ପିଙ୍କୁ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।




ସଫଳ କରାଟେ ଖେଳାଳିମାନେ।

# ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

**ବ୍ରହ୍ମପୁର ଅଫିସ,୨୪।୯:** ଅତିରିକ୍ତ ଜିଲା ଦୌରା ଜଜ-୨ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ ଜଗଦୀଶ ପ୍ରସାଦ ମହାନ୍ତି ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ବାବୁ ରାଉଳଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶଯେ, ୨୦୧୭ ଜାନୁୟାରୀ ୨୩ରେ ଜଣେ ନାବାଳିକାଙ୍କୁ ଏକ ନଳକୂପ ନିକଟରୁ ଅପହରଣ କରାଯାଇଥିବା ନେଇ ପୀଡିତାଙ୍କ ମା' ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬/୧୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଗୁଡ୍ସ ରୋଡ ତ୍ରିନାଥ ମନ୍ଦିରର ବାବୁ ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଉକ୍ତ ତତ୍କାଳୀନ ଏସ୍‌ଆଇ ସୌଦାମିନୀ ବେହେରା ୨୦୧୭ ମାର୍ଚ୍ଚ ୨୩ରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମଙ୍ଗଳବାର ମାମଲାର ବିଚାର ବେଳେ ୧୪ ସାକ୍ଷୀଙ୍କ ବୟାନକୁ ଆଧାର କରି ପୋକ୍‌ସୋ ଜଜ ମହାନ୍ତି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସାୟିଦ ଇକ୍‌ବଲ ଓ ସଞ୍ଜୀବ ବେହେରା ମକଦ୍ଦମା ପରିଚାଳନା କରିଥିଲେ।

### ପ୍ରତିଶ୍ରୁତି ରଖୁନାହାନ୍ତି ସାଉଥ୍‌କୋ କର୍ତ୍ତୃପକ୍ଷ
# ବିଦ୍ୟୁତ୍ ବିଲ କାଉଣ୍ଟର କର୍ମଚାରୀଙ୍କୁ ମିଳୁନି ଦରମା

ବ୍ରହ୍ମପୁର ଅଫିସ,୨୪।୯

ବିଦ୍ୟୁତ୍ କର୍ମଚାରୀଙ୍କ ପ୍ରତି ସାଉଥ୍‌କୋର ଅବହେଳା ସୀମା ଟପିବାରେ ଲାଗିଛି। ଆଉଟସୋର୍ସିଂ କର୍ମଚାରୀଙ୍କୁ ଇନ୍‌ସୋର୍ସିଂ ଓ ନିୟମିତ କରିବା ଦିଗରେ ସାଉଥ୍‌କୋ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିବା, ବିଦ୍ୟୁତ୍ ବିଲ ପୈଠ କାଉଣ୍ଟରରେ ଥିବା କର୍ମଚାରୀଙ୍କୁ ମାସ ମାସ ଧରି ଦରମା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାରରୁ କର୍ମଚାରୀମାନେ ଧାରଣାକୁ ଓହ୍ଲାଇଛନ୍ତି। ବିଜୁଳି କର୍ମଚାରୀ ସଂଘ ସମର୍ଥନରେ କର୍ମଚାରୀମାନେ ସାଉଥ୍‌କୋର ବ୍ରହ୍ମପୁର କର୍ପୋରେଟ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ଜିଲାରେ ସାଉଥକୋର ଥିବା ୮୭ ବିଦ୍ୟୁତ୍ ବିଲ ପୈଠ କାଉଣ୍ଟରରେ ବର୍ତ୍ତମାନ ୧୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବ୍ରହ୍ମପୁରରେ ୮ କାଉଣ୍ଟରରେ ୨୫ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଦୀର୍ଘ ୪ ମାସ ଧରି ଏମାନଙ୍କୁ ଏରିଅର ପ୍ରଦାନ କରାଯାଇ ନାହିଁ। ଫଳରେ କର୍ମଚାରୀମାନ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏନେଇ ବହୁବାର ସାଉଥକୋ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲେ ମଧ୍ୟ ଏରିଅର ପ୍ରଦାନରେ ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ମଙ୍ଗଳବାର କର୍ମଚାରୀଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଦୁଇଦିନ ଧରି ଜିଲାର ସମସ୍ତ କାଉଣ୍ଟର ବନ୍ଦ ରହିଛି। ଫଳରେ ସାଉଥକୋର ଉପଭୋକ୍ତାମାନେ ବିଲ ପୈଠ କରିବାରେ ସମସ୍ୟା ଭୋଗୁଛନ୍ତି।



ଧାରଣାରେ ବସିଥିବା କାଉଣ୍ଟର କର୍ମଚାରୀମାନେ।

- ଆନ୍ଦୋଳନକୁ ଓହ୍ଲାଇଲେ କର୍ମଚାରୀ
- ଦାବି ପୂରଣ ଯାଏ ଧାରଣା ଅବ୍ୟାହତ ରଖିବାକୁ ଚେତାବନୀ

୨୦୧୬ ନଭେମ୍ବର ୧୬ରେ ହୋଇଥିବା ଚୁକ୍ତିନାମାରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ଇନ୍‌ସୋର୍ସିଂ କରିବା, ୨୦୦ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ନେଇ ୨୦୧୮ ଫେବୃୟାରୀ ୧୧ରେ ସାଉଥ୍‌କୋ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ, ବିଲ କାଉଣ୍ଟର କର୍ମଚାରୀଙ୍କୁ ଦରମା ପ୍ରଦାନ ଆଦି ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ଯାଏ ଆନ୍ଦୋଳନ ଚାଲିବ ବୋଲି ସଂଘ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଙ୍କର ପରିଡା, ଯୁଧିଷ୍ଠିର ସାହୁ ଓ ଦାମୋଦର ପ୍ରଧାନଙ୍କ ସମେତ ବିଲ କାଉଣ୍ଟର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

### ସଂଶୋଧିତ ମୋଟରଯାନ ଆଇନ ଜରିମାନାକୁ ଭୟ
# ଆର୍‌ଟିଓ କ୍ୟାମ୍ପ ଅଫିସ୍‌ରେ ପ୍ରବଳ ଭିଡ଼

ବ୍ରହ୍ମପୁର ଅଫିସ,୨୪।୯

ସଂଶୋଧିତ ମୋଟରଯାନ ଆଇନ-୨୦୧୯ରେ ଜରିମାନା ଅର୍ଥ ଅଧିକ ଥିବା ଯୋଗୁ ଗାଡ଼ି ଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଜରିମାନାରୁ ବର୍ତ୍ତିବା ପାଇଁ ଲୋକମାନେ ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ରଠାରୁ ଆରମ୍ଭ କରି ବୀମା ନବୀକରଣ କରାଉଛନ୍ତି। ସେହିଭଳି ଚାଳକମାନେ ଡ୍ରାଇଭିଂ ଲାଇସେନ୍ସ କରୁଛନ୍ତି। ଏସବୁ ପାଇଁ ପରିବହନ କାର୍ଯ୍ୟାଳୟରେ ଭିଡ଼ ଦେଖିବାକୁ ମିଳୁଛି। ଛତ୍ରପୁରରେ ଥିବା ପରିବହନ କାର୍ଯ୍ୟାଳୟ ଉପରୁ ବୋଝ କମାଇବା ପାଇଁ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କ୍ୟାମ୍ପ ଅଫିସ୍ ଖୋଲାଯାଇଛି। ସୋମବାରରୁ ଆରମ୍ଭ ହୋଇଥିବା କ୍ୟାମ୍ପ ଅଫିସ୍ ବୁଧବାର ପର୍ଯ୍ୟନ୍ତ ଚାଲିବ। ଏଠାରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ବିଶେଷକରି ପ୍ରଦୂଷଣ ସାର୍ଟିଫିକେଟ୍ କରିବା ପାଇଁ ଲମ୍ୱା ଲାଇନ୍ ଲାଗୁଛି। ମାତ୍ର ତିନୋଟି ମେଶିନ୍ ଥିବା ବେଳେ ଆବେଦନକାରୀଙ୍କ ସଂଖ୍ୟା ଢେ଼ର୍ ଅଧିକ ରହୁଛି।

ସୋମବାର ପ୍ରଥମ ଦିନରେ କେବଳ ଛାତ୍ରୀଛାତ୍ରଙ୍କ ପାଇଁ ଅଫିସ୍ କାର୍ଯ୍ୟ କରିଥିଲା। ହେଲେ ଗୋଟିଏ ଦିନରେ ଆବେଦନ ସଂଖ୍ୟା ଆଶାତୀତ ଅଧିକ ଥିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିଲା। କିନ୍ତୁ ଆବେଦନକାରୀଙ୍କ ମଧ୍ୟରେ ଛାତ୍ରୀଛାତ୍ର ରହିଥିଲେ। ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ କଲେ ୧୦ହଜାର ଟଙ୍କା ଜରିମାନା ରହିଛି। କିନ୍ତୁ ଭିଡ଼ ଯୋଗୁ ଠିକ୍ ଭାବେ ପ୍ରଦୂଷଣ ଯାଞ୍ଚ କରାଯାଉ ନ ଥିଲା। ତରବରିଆ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଲର୍ନିଂ ଲାଇସେନ୍ସ ପ୍ରଦାନ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଭିଡ଼ ଦେଖାଦେଇଛି। ନିଜ କ୍ୟାମ୍ପସ୍‌ରେ ସୁବିଧା ମିଳୁଥିବା ଯୋଗୁ ସେମାନେ ଖୁସି ପ୍ରକାଶ କରିଥିଲେ।



ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲମ୍ୱା ଲାଇନ୍।

କେବଳ ଖଲ୍ଲିକୋଟ କଲେଜରେ ଏହି କ୍ୟାମ୍ପ ଖୋଲାଯିବାରୁ ଅନ୍ୟାନ୍ୟ କଲେଜରେ ଅସନ୍ତୋଷ ପ୍ରକାଶ ପାଇଛି। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଛାତ୍ର ନେତା ଦେବାନନ୍ଦ ପଣ୍ଡା ଏହାକୁ ନାପସନ୍ଦ କରିଛନ୍ତି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରତ୍ୟେକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏଭଳି ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଏବେ ଡ୍ରାଇଭିଂ ଲାଇସେନ୍ସ କରିବାକୁ ଛତ୍ରପୁର ପରିବହନ କାର୍ଯ୍ୟାଳୟକୁ ଯାଉଛନ୍ତି। ଫଳରେ ଗୋଟିଏ ଦିନ ପୂରା ନଷ୍ଟ ହେଉଛି। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଯେମିତି କ୍ୟାମ୍ପ ଅଫିସ୍ ଖୋଲାଯାଇଛି, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ସେଭଳି କ୍ୟାମ୍ପ ଅଫିସ୍ ଖୋଲାଯାଉ ବୋଲି ସେ ଦାବି କରିଛନ୍ତି।

# ଉଚ୍ଛେଦ ପରେ ଦାଉ ସାଧୁଛି ବର୍ଷା

ଭଞ୍ଜନଗର,୨୪।୯(ଡି.ଏନ.ଏ.)

ଭଞ୍ଜନଗର ଆର୍‌ସିରୋଡ୍‌ରୁ ଜବରଦଖଲ ଉଚ୍ଛେଦ ପରେ ବର୍ଷା ଆରମ୍ଭ ହୋଇଯାଇଥିଲା। ବିଗତ ୨୦ ଦିନ ହେବ ମଝିରେ ମଝିରେ ଏହିଭଳି ବର୍ଷା ହେଉଛି। ତେଣୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପରେ ଡ୍ରେନ ଓ ରାସ୍ତା ପୁନଃନିର୍ମାଣ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରୁନାହିଁ। ଲୋକେ ବିପଦସଙ୍କୁଳ ଅବସ୍ଥାରେ ଘର ମଧ୍ୟରୁ କାଠ ପୋଲ ସହାୟତାରେ ଡ୍ରେନ୍ ପାର ହୋଇ ରାସ୍ତାକୁ ଆସୁଛନ୍ତି। ଉଚ୍ଛେଦ ପରଠୁ ଆରସିରୋଡ୍‌ର ମୁଖ୍ୟରାସ୍ତା ଠିକ୍ ନଥିବା ଯୋଗୁ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ତେଣୁ ବର୍ଷା ଛାଡ଼ିଲେ ହିଁ ପୁନଃରୁଦ୍ଧାର କାର୍ଯ୍ୟ ଦ୍ରୁତଗତିରେ ହେବାର ସମ୍ଭାବନା ରହିଛି। ବିଗତ ୩ଦିନ ହେବ ଭଞ୍ଜନଗରରେ ତୁହାକୁ ତୁହା ବର୍ଷା ହେଉଛି। ଆଗାମୀ ୨୭ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ସମ୍ଭାବନା ରହିଛି। ଯାହାକୁ ନେଇ ସାହି ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ବର୍ତ୍ତମାନ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଠିକାଦାର ପୁନଃରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ସହ ପ୍ରସ୍ତୁତ ହୋଇ ଅଛନ୍ତି। କିନ୍ତୁ ବର୍ଷାଯୋଗୁ କାମ ଆରମ୍ଭ ହୋଇପାରୁ ନ ଥିବାବେଳେ ଯନ୍ତ୍ରପାତି ଭଡା ଗଣୁଛନ୍ତି।

ପ୍ରକାଶ ଯେ, ଆର୍‌ସିରୋଡକୁ ବହୁଦିନ ହେବ ସାହିଲୋକେ ଜବରଦଖଲ କରି ରଖିଥିଲେ। ଏନେଇ ପ୍ରଶାସନ ପକ୍ଷରୁ ବହୁବାର ଉଚ୍ଛେଦ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ବିଭିନ୍ନ ସମୟରେ ବିଭିନ୍ନ ଚାପ ଯୋଗୁ ସମ୍ଭବ ହେଉନଥିଲା। ସହରର ପ୍ରମୁଖ ରାସ୍ତା ଆର୍‌ସିରୋଡ୍ ହୋଇଥିବା ଯୋଗୁ ଅଧିକାଂଶ ସମୟ ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିଲା। ଏହିଭଳି ପରିସ୍ଥିତିରେ ଗତ ମାସ ୨୯ରେ ପ୍ରଶାସନ ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତି ନେଇଥିଲା। ୨୯ରୁ ୪ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଚାଲିଥିଲା। ୨୨୨ଟି ଘର ଉଚ୍ଛେଦ କରାଯାଇଥିଲା। ଉକ୍ତ ଉଚ୍ଛେଦରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଘର ମଧ ଉଚ୍ଛେଦ ହୋଇଛି। ତେଣୁ ପ୍ରଶାସନ ପକ୍ଷରୁ ବର୍ଷା ଛାଡୁଛାଡୁ ତୁରନ୍ତ ଡ୍ରେନ୍ ଓ ରାସ୍ତା କାମ ଆରମ୍ଭ କରିବା ପାଇଁ ଦାବି ହୋଇଛି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ବର୍ଷା ହିଁ କାମ ଆରମ୍ଭରେ ବାଧକ ସାଜିଛି। ତଥାପି ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ। ଜନସାଧାରଣଙ୍କ ହିତକୁ ଦେଖି ପଦକ୍ଷେପ ନିଆଯାଉଛି। ଡ୍ରେନ ଓ ରାସ୍ତା ନିର୍ମାଣ ପାଇଁ ୧ କୋଟି ୫୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।



ଲୋକେ କାଠ ପୋଲରେ ଯାତାୟାତ କରୁଛନ୍ତି।

- ଆର୍‌ସିରୋଡ୍ ବାସିନ୍ଦାଙ୍କ ଭରସା କାଠପୋଲ
- ଡ୍ରେନ୍, ରାସ୍ତା ପାଇଁ ଖର୍ଚ୍ଚ ହେବ ଦେଢ଼କୋଟି
- ଲୋକେ ହଟହଟା, ଠିକାଦାର କ୍ଷତିରେ

## ସଂକ୍ଷେପରେ

### ମଦ ବେପାରୀଙ୍କୁ ଥାନା ଜିମା ଦେଲା ମହିଳା ସଂଘ

କୋଦଳା,୨୪।୯(ଡି.ଏନ.ଏ.): କୋଦଳା ଥାନା ଅନ୍ତର୍ଗତ ମର୍ଦ୍ଦମେଖ ପଞ୍ଚାୟତ ସରପଞ୍ଚ ହୃଷୀକେଶ ମେହେଣାଙ୍କ ନେତୃତ୍ୱରେ ମାଟିଗଡ଼ ବାଉରି ସାହି ମହିଳା ସଂଘ ସଭ୍ୟାମାନେ ସୋମବାର ରାତିରେ ଚୋରା ଦେଶୀ ମଦ ଜବତ କରିଛନ୍ତି। ଏଥିସହ ଏହି ବେଆଇନ କାରବାର ଚଳାଉଥିବା ଭ୍ରମର ଦାଶଙ୍କୁ କାବୁ କରି ଥାନ ଜିମା ଦେଇଥିଲେ। ତେବେ ଭ୍ରମରଙ୍କ ନିକଟରୁ ୨୧ ଲିଟର ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିବା କୋଦଳା ଥାନା ଏସଆଇ ଅନିଲ କୁମାର ସାହୁ କହିଛନ୍ତି। ଏ ନେଇ ନଂ.୨୫୦/୧୯ରେ ମାମଲା ରୁଜୁ କରାଯାଇଛି।

### ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର,୨୪।୯(ଡି.ଏନ.ଏ): ଛତ୍ରପୁରସ୍ଥିତ ବଡବଜାର ବ୍ୟସାୟୀ ସଂଘ ପକ୍ଷରୁ ମଙ୍ଗଳବାର ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ସଂଘ ସଭାପତି ପ୍ରଫୁଲ୍ଲ କୁମାର ସେନାପତି, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାରଣା, ନିରଞ୍ଜନ ପଣ୍ଡା, ସତ୍ୟ ନାରାୟଣ ପାତ୍ର, କବିରାଜ ପଲାଇ, ସନ୍ତୋଷ କୁମାର ଗୌଡ, ସନ୍ତୋଷ ରାଉଳ ଶୁଭଖୁଣ୍ଟି ସ୍ଥାପନ ବେଳେ ଉପସ୍ଥିତ ଥିଲେ। ଦିବାକାର ତ୍ରିପାଠୀ, ରବି ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ଡିଇଓଙ୍କୁ ନିର୍ଦ୍ଦେଶ

ଶଙ୍କରାଖୋଲ, ୨୪।୯ (ଡି.ଏନ୍.ଏ)- ଚକାପାଦ ବ୍ଲକ ଗୋଷ୍ଠୀ ସମନ୍ୱୟ ଶିକ୍ଷକ ସଂଘ ୧୨ ଦଫା ଦାବି ନେଇ ସୋମବାର ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଶିକ୍ଷକଙ୍କର ସମସ୍ୟା ସମାଧାନ କରିବା ପାଇଁ ଡିଇଓ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ସେବା ପୁସ୍ତକ, ବହି ଅପଡେଟ୍ କରିବା, ମହଙ୍ଗଭତ୍ତା, ଇନ୍କ୍ରିମେଣ୍ଟ, ଏରିୟର ପ୍ରଦାନ କରାଯାଇ ନ ଥିବାରୁ ଶିକ୍ଷକମାନେ ବିଇଓ ସୁରେଶ ଦାସଙ୍କୁ ଗତ ୬ ତାରିଖରେ ଏ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନଥିବା ସେମାନେ କହିଛନ୍ତି। ଶୀଘ୍ର ସମସ୍ୟା ସମାଧାନ ନ କଲେ ଗାନ୍ଧୀ ଜୟନ୍ତୀରୁ ଶିକ୍ଷକମାନେ ଧାରଣାରେ ବସିବେ। ଏଥିସହ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଓ ସଚିବଙ୍କୁ ଦୃଷ୍ଟି ଆକର୍ଷଣ କରିବୁ ବୋଲି ବ୍ଲକର ଗୋଷ୍ଠୀ ସମନ୍ୱୟ ଶିକ୍ଷକ ସଂଘର ସଭାପତି ପର୍ଶୁରାମ ନାୟକ, ଉପସଭାପତି ନଳିନୀ ଯାନୀ, ବିରେନ୍ଦ୍ର ବେହେରା, ସମ୍ପାଦକ ଗୌର ଚନ୍ଦ୍ର ନାୟକ କହିଛନ୍ତି।

### ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଛତ୍ରପୁର,୨୪।୯(ଡି.ଏନ.ଏ): ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପରିପ୍ରେକ୍ଷୀରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ସ୍କୁଲରୁ ମନୋନୀତ ହୋଇଥିବା ୨୪୦ ଛାତ୍ରୀଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ମଧରେ ମନୋନୀତ ହୋଇ ପ୍ରତିଯୋଗିତାକୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକମାନେ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ୧୮ ଛାତ୍ରୀଛାତ୍ରଙ୍କ ମଧରୁ ୬ ଜଣଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି।

## ତେଜସ୍ୱିନୀ ପାଇଲେ ସ୍ୱର୍ଣ୍ଣପଦକ

ଚିକିଟି,୨୪।୯(ଡି.ଏନ.ଏ.)



ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଜାନକିମଣିପୁର ଶାସନର ଅଷ୍ଟମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ପାଢ଼ୀ ସୋମବାର ହାଇଦ୍ରାବାଦରେ ଜାତୀୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଦୁଇଟି ଖେଳରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ, ତେଜସ୍ୱିନୀ ବ୍ରହ୍ମପୁରସ୍ଥିତ ଏକ ଘରୋଇ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ସେ ଏକ ବର୍ଷ ଧରି କଳିଙ୍ଗ ଫାଇଟ୍ ବିଦ୍ୟାଳୟରେ ତାଲିମ ନେଉଥିଲେ। ୧୮ ତାରିଖରେ ଜାତୀୟ ସ୍ତରରେ ଖେଳିବା ପାଇଁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ମାର୍ସିଆଲ ଆର୍ଟସ୍ ଏବଂ ଫାଇଟ୍ ଖେଳ ହୋଇଥିଲା। ମାର୍ସିଆଲ ଆର୍ଟସ ଗେମରେ ସ୍ୱର୍ଣ୍ଣପଦକ ପାଇଥିବା ବେଳେ ଫାଇଟରେ ବ୍ରୋଞ୍ଜ ପଦକ ପାଇଥିବା ସୂଚନା ମିଳିଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

# ୫ ହଷ୍ଟେଲ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ


ବୈଠକରେ ଉପସ୍ଥିତ ରାଜ୍ୟ ପରାମର୍ଶଦାତା, ନିର୍ଦ୍ଦେଶକ।

ଛତ୍ରପୁର,୨୪।୯(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟଗୁଡିକର ସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପରାମର୍ଶଦାତା ବିଜୟ କୁମାର ସାହୁ, ନିର୍ଦ୍ଦେଶକ ରଘୁରାମ ରାୟ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ ଓ ଆଦର୍ଶ ବିଦ୍ୟାଳୟ ଅଧକ୍ଷମାନେ ଉପସ୍ଥିତ ଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ମାନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି। ମୋଟ ୨୨ ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୧୨ଟିରେ ବାଳିକା ହଷ୍ଟେଲ ପାଇଁ ମଞ୍ଜୁରୀ ମିଳିଥିଲା। ଏଥିରୁ ୭ଟିରେ ଯଥା ଚିକିଟି ବ୍ଲକର ପିତାତଳି, ପାତ୍ରପୁର ବ୍ଲକର ବାଦପୁର, ଶେରଗଡ ବ୍ଲକର ପାକିଡିହିଲ୍, ରଙ୍ଗେଇଲୁଣ୍ଡାର କରାପଲ୍ଲୀ, ପୁରୁଷୋତ୍ତମପୁର ବ୍ଲକର ଭାଟକୁମରଡା, ବେଗୁନିଆପଡା ବ୍ଲକର ରାଜପୁର ଓ କୁକୁଡାଖଣ୍ଡି ବ୍ଲକର କୁସୁମୀରେ ଥିବା ଆଦର୍ଶ ବିଦ୍ୟାଳୟରେ ବାଳିକା ହଷ୍ଟେଲ ରହିଛି। ଆଉ ୫ ଆଦର୍ଶ ବିଦ୍ୟାଳୟ ଧରାକୋଟ ବ୍ଲକର କୁସଗୁମା, ଦିଗପହଣ୍ଡି ବ୍ଲକର ସିଦ୍ଧେଶ୍ୱର, କବିସୂର୍ଯ୍ୟନଗର ବ୍ଲକର ବଡଆଗୁଳା, ସାନଖେମୁଣ୍ଡି ବ୍ଲକର ଶାସନଆମ୍ବଗାଁ ଓ ହିଞ୍ଜିଳି ବ୍ଲକର ଛଣମେରିରେ ହଷ୍ଟେଲ କାର୍ଯ୍ୟକ୍ଷମ ହୋଇନି। ନିର୍ମାଣ କାର୍ଯ୍ୟ ସାରି ହଷ୍ଟେଲ କାର୍ଯ୍ୟକ୍ଷମ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଦର୍ଶ ବିଦ୍ୟାଳୟଗୁଡିକରେ ଖାଲି ପଡିଥିବା ପଦବୀ ପୂରଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ଜିଲାରେ ଥିବା ଆଦର୍ଶ ବିଦ୍ୟାଳୟ ଗୁଡିକରେ ଅଧକ୍ଷଙ୍କ ସମେତ ୧୩୨ଟି ବିଭିନ୍ନ ପଦବୀ ଖାଲି ରହିଛି।

### ଗଣବଳାତ୍କାର ପରେ, ଅଶ୍ଳୀଳ ଫଟୋ ଭାଇରଲ ମାମଲା

# ପୂର୍ବତନ ସରପଞ୍ଚଙ୍କ ସହ ୪ ନିର୍ଦ୍ଦୋଷରେ ଖଲାସ

ଭଞ୍ଜନଗର,୨୪।୯(ଡି.ଏନ.ଏ.)

ସୋରଡ଼ା ଥାନା ଅଞ୍ଚଳରେ ୨୦୧୫ ମସିହାରେ ଜଣେ ମହିଳାଙ୍କୁ ଗଣବଳତ୍କାର ପରେ ଅଶ୍ଳୀଳ ଫଟୋ ଭାଇରଲ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ସବ୍‌ଜଜ୍ ପ୍ରମାଣ ଅଭାବରୁ ୪ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ପୂର୍ବତନ ସରପଞ୍ଚ ଥିବା ଜଣାପଡ଼ିଛି। ଏହି ମାମଲାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ଫେରାର ଥିବାଯୋଗୁ ତାଙ୍କର ବିଚାରଣ ହୋଇପାରିନାହିଁ। ଜଣେ ନାବାଳକଙ୍କ ବ୍ରହ୍ମପୁର ଜୁଭେନାଇଲ କୋର୍ଟରେ ବିଚାର ଚାଲିଛି।

ପ୍ରକାଶଯେ, ଜଣେ ପୂର୍ବତନ ସରପଞ୍ଚଙ୍କ ସହ ପୀଡିତାଙ୍କ ସ୍ୱାମୀଙ୍କର ପାରିବାରିକ ସମ୍ପର୍କ ଥିଲା। ତାଙ୍କ ଘରକୁ ସେ ବିଭିନ୍ନ ସମୟରେ ଯିବାଆସିବା କରନ୍ତି। ଦିନେ ପୀଡିତାଙ୍କ ସ୍ୱାମୀ ଘରେ ନଥିବା ବେଳେ ପୂର୍ବତନ ସରପଞ୍ଚ ମହିଳାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ଅନ୍ୟ ଅଭିଯୁକ୍ତମାନେ ଜାଣିବା ପରେ ମହିଳାଙ୍କୁ ଧମକ ଦେଇ ବଳାତ୍କାର କରିଥିଲେ। ଏହି ସମୟର ଫଟୋ ମଧ ଉତ୍ତୋଳନ କରିଥିଲେ। ଏହାପରେ ୨୦ ହଜାର ଟଙ୍କା ନଦେଲେ ଉକ୍ତ ଫଟୋକୁ ଭାଇରଲ କରିଦେବାକୁ ୨ଜଣ ଅଭିଯୁକ୍ତ ମହିଳାଙ୍କୁ ଧମକ ଦେଇଥିଲେ। ଏହାର କିଛିଦିନ ପରେ ଅଭିଯୁକ୍ତମାନେ ଫଟୋ ଗୁଡ଼ିକୁ ଗ୍ରାମର ସ୍କୁଲ ପାଚେରୀରେ ମାରିଥିଲେ। ଏନେଇ ପୀଡିତାଙ୍କ ସ୍ୱାମୀ ସ୍ତ୍ରୀଙ୍କୁ ପଚାରିଥିଲେ। ଏହାପରେ ସ୍ତ୍ରୀ ସମସ୍ତ ଘଟଣା କହିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପରେ ୪ଜଣ ଅଭିଯୁକ୍ତ ଜାମିନରେ ଆସିଥିଲେ। ମୁଦାଲାମାନଙ୍କ ପକ୍ଷରୁ ଅଶୋକ ଜେନା ମାମଲା ପରିଚାଳନା କରୁଥିଲେ।

# ହେଲ୍‌ମେଟ ପିନ୍ଧି ନ ଥିବା ଆରୋହୀଙ୍କୁ ଗୋଲାପ

ଗଞ୍ଜାମ,୨୪।୯(ଡି.ଏନ.ଏ.): ସାରା ରାଜ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ ହେଲମେଟ ନ ପିନ୍ଧିଥିବା ବାଇକ ଚାଳକଙ୍କଠାରୁ ହେଲମେଟ ନ ପିନ୍ଧିଲେ ଜରିମାନା ଆଦାୟ କରାଯାଉଛି। ଜୟଶ୍ରୀ କରମେଟ ସ୍କୁଲ ପକ୍ଷରୁ ମଙ୍ଗଳବାର ହେଲମେଟ ବ୍ୟବହାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍ ଡିଜିଏମ ରବୀନ୍ଦ୍ର କୁମାର ମାହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲର ଭାରତ ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ହେଲମେଟ ପିନ୍ଧିନଥିବା ବାଇକ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ ପିନ୍ଧିବା ପାଇଁ ନିବେଦନ କରିଥିଲେ। ଏଥିସହିତ କାର ଚାଳକଙ୍କୁ ସିଟବେଲ୍ଟ ବାନ୍ଧିବା ପାଇଁ କୁହାଯାଇଥିଲା। ସଡ଼କ ସୁରକ୍ଷା ଉପରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଭିଡିଓ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଯାଇଥିଲା। ଏହି ଶିବିରରେ କମ୍ପାନିର ସୁଶାନ୍ତ ଦାସଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ହେଲମେଟ ପିନ୍ଧିନଥିବା ଅଭିଭାବକଙ୍କୁ ଫୁଲ ଦେଉଛନ୍ତି ଛାତ୍ରୀ।

### ହାବିଲଦାର, କନଷ୍ଟେବଳ ସଂଘ ନିର୍ବାଚନ

## ସମସ୍ତ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ଛତ୍ରପୁର,୨୪।୯(ଡି.ଏନ.ଏ.)

ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଳ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ମଙ୍ଗଳବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସମସ୍ତ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଆସନ୍ତା ୨୯ରେ ଭୋଟ ଗ୍ରହଣ ଏବଂ ୧ରେ ଭୋଟ ଗଣତି ହେବ। ମିଳିଥିବା ସୂଚନା ଅନୁଯାୟୀ, ଅଭିମନ୍ୟୁ ଜାଲି ଓ ଗୋରାଚାନ୍ଦ ତ୍ରିପାଠୀ ସଭାପତି ପଦବୀ ପାଇଁ ପ୍ରାର୍ଥୀ ହୋଇଥିବା ବେଳେ ଆକାଶ କୁମାର ବେହେରା ଓ ସୁଦର୍ଶନ ଜେନା ଉପସଭାପତ ପଦବୀ ଲାଗି ପ୍ରାର୍ଥୀ ହୋଇଛନ୍ତି। ସେହିପରି ସୁବାସ ଚନ୍ଦ୍ର ସେଠୀ ଓ ବ୍ରଜମୋହନ ଜେନା ସମ୍ପାଦକ, ବଳରାମ ଜେନା ଓ ହାଡୁବନ୍ଧୁ ବେହେରା କୋଷାଧ୍ୟକ୍ଷ, ଦୀପକ କୁମାର ସେଠୀ ଓ ଡି. ହରିରାମ ସହସମ୍ପାଦକ-୧, କରୁଣାକର ମଲାଣ ଓ ସୀମାଞ୍ଚଳ ମିଶ୍ର ସହସମ୍ପାଦକ ପଦବୀ-୨ ପଦବୀ ପାଇଁ ପ୍ରାର୍ଥୀ ହୋଇଛନ୍ତି। ୫-ଟି କାର୍ଯ୍ୟକାରୀ ସଭ୍ୟ ପାଇଁ ଜି ଗଣେଶ ରାଓ, ନାରାୟଣ ଦାଶ, ସୁରେଶ ଚନ୍ଦ୍ର ପାଣି, ପ୍ରବୀଣ ଗୌଡ, କେ ଅନୀଲ କୁମାର ରାଓ, ଅଭିମନ୍ୟୁ ବେହେରା, ନରୋତ୍ତମ ପ୍ରଧାନ, ବନବାସ ଶବର, ମନୋଜ କୁମାର ଗୌଡ ଓ ଅମର କୁମାର ତରାଇ ପ୍ରାର୍ଥୀ ଅଛନ୍ତି।

# ସାପକାମୁଡ଼ାରେ ମୃତକ ପରିବାରଙ୍କୁ ଭେଟିଲେ ବିଧାୟିକା


ବିଧାୟିକା ମୃତକଙ୍କ ପରିବାରକୁ ଭେଟୁଛନ୍ତି।

କୋଦଳା,୨୪।୯(ଡି.ଏନ.ଏ.)

କୋଦଳା ଥାନା ବି.ନୂଆଁପଲ୍ଲୀ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ପରିଡା ସାହିର କାଳିଆ ପରିଡ଼ାଙ୍କ ସ୍ତ୍ରୀ ମନାସ (୩୨) ଓ ପୁଅ ଆଶୀଷ (୫)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିଲା। ଏ ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ନଂ.୫୦୩/୧୯ ଓ ୫୦୪/୧୯ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ହୋଇ ମୃତଦେହ ବ୍ୟବଚ୍ଛେଦ ପରେ ସୋମବାର ରାତିରେ ମୃତଦେହ ଦ୍ୱୟ ଗ୍ରାମରେ ପହଞ୍ଚି ସଂସ୍କାର ହୋଇଥିଲା। ଖବର ପାଇ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, କୋଦଳା ନଗର ବିଜେଡି ସଭାପତି ସଞ୍ଜିବ କୁମାର ସାହୁ, ସମ୍ପାଦକ ଗୋପଳ କୃଷ୍ଣ ସାହୁ, ବେଗୁନିଆପଡା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ସମ୍ପାଦକ ତ୍ରିନାଥ ଭୂୟାଁ ପ୍ରମୁଖ ପହଞ୍ଚି ମୃତକଙ୍କ ସ୍ୱାମୀ କାଳିଆ, ବଡ ପୁଅ କ୍ରିଶ (୧୨), ଶାଶୁ, ଶ୍ୱଶୁରଙ୍କୁ ସାନ୍ତ୍ୱନା ଦେବା ସହ ସୁଦ୍ଧି କ୍ରିୟା ନିମନ୍ତେ କିଛି ଆର୍ଥିକ ରାଶି ପ୍ରଦାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରୀ ସହାୟତା ରାଶି ପାଇବା ବ୍ୟବସ୍ଥା କରିବେ ବୋଲି ସେ କହିଥିଲେ।

# ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ଦିଗପହଣ୍ଡି,୨୪।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ନୋଡାଲ ହାଇସ୍କୁଲ ପ୍ରାଙ୍ଗଣରେ ସୋମବାର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଡିଓ ହଳଧର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ବିଇଓ ବସନ୍ତ କୁମାର ପଣ୍ଡା, ଆଇନଜୀବୀ ହରପ୍ରସାଦ ରଥ, ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଣ୍ଡା, ବିଆରସିସି ବାଳା ମାଝୀ, ଏବିଇଓ ରସାନନ୍ଦ ଘଡ଼େଇ, ରାଜେନ୍ଦ୍ର ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସିଆର୍‌ସିସି ଉପେନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ବ୍ଲକର ୧୬ କ୍ଲଷ୍ଟରର ୧୧୩ ବିଦ୍ୟାଳୟର ମୋଟ ୨ଶହ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଶେଷରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟଗୁଡିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି କୋରା ସେଠୀ, ନରସିଂହ ପ୍ରସାଦ ପାଠୀ, ସ୍ୱୟଂପ୍ରଭା ପଟ୍ଟନାୟକଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ପୁରସ୍କାର ବିତରଣ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

## ବିଧାୟିକାଙ୍କ ଗସ୍ତ

ବେଗୁନିଆପଡ଼ା,୨୪।୯(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପରେ ଏସ.ଛଟିନା ପଞ୍ଚାୟତର ଉଜ୍ଜ୍ୱଳପଲ୍ଲୀ ଗ୍ରାମରେ ନିର୍ମାଣ ହେବାକୁ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ହେବା ଫଳରେ ପାନୀୟ ଜଳର ଅସୁବିଧା ଦୂର ହୋଇପାରିବ ବୋଲି ଗ୍ରାମବାସୀ କହିଥିଲେ। ଏଥିରେ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ପ୍ରତିନିଧି ତ୍ରିନାଥ ଭୂୟାଁ, ଏସ୍‌ଡିଓ ପଞ୍ଚାନନ ଦାସ, ରାଜ୍ୟ ପରିଷଦ ସଦସ୍ୟ ମହେଶ୍ୱର ବରାଡ଼, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ନାୟକ, ସମିତିସଭ୍ୟ ବିନାୟକ ନାୟକ, ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ଉପସଭାପତି ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ

## ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ

ପୁରୁଷୋତ୍ତମପୁର,୨୪।୯(ଡି.ଏନ.ଏ.)

ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ ଭୂତସରସିଙ୍ଗି, ଦାସିଆରାମପଲ୍ଲୀ, ରାଜପୁର, କେଶପୁର ଆଦି ଗ୍ରାମର ଭୂମିହୀନ, ବାସହୀନ ଗରିବ ଶ୍ରେଣୀର ଲୋକେ ଘର ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘଦିନ ହେଲା ଏଥିପାଇଁ ଆବେଦନ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ପ୍ରତିବାଦରେ ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଓଡ଼ିଶା କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଘରବାରି ପଟ୍ଟା ପ୍ରଦାନ ଦାବି ନେଇ ତହସିଲଦାର ଅରୁଣ କୁମାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି କୃଷକ ସଭାର ଜିଲା ସମ୍ପାଦକ ପି.ହରିକୃଷ୍ଣ ରେଡ୍ଡୀ ଚେତାବନୀ ଦେଇଛନ୍ତି।


ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ବୁଧବାର, ସେପ୍ଟେମ୍ବର ୨୫/୨୦୧୯ | Berhampur, Wednesday, September 25/ 2019

# ବଡ଼ ମେଡିକାଲକୁ ଆସିବ ବ୍ୟାଟେରି ଗାଡ଼ି

■ସବୁ ସ୍ଥାନରେ ସିସି କ୍ୟାମେରା
■ବାୟୋମେଟ୍ରିକ ବାଧତାମୂଳକ

**ଛତ୍ରପୁର,୨୪।୯(ଡି.ଏନ.ଏ)**

ବ୍ରହ୍ମପୁର ବଡ଼ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ବଡ଼ ମେଡିକାଲର କେତେକ ସ୍ଥାନରେ ସିସି କ୍ୟାମେରା ଲାଗି ନ ଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ବାୟୋମେଟ୍ରିକ୍ ବ୍ୟବସ୍ଥା ବାଧ୍ୟତାମୂଳକ ହେବ ବୋଲି ଜିଲାପାଳ କହିଥିଲେ। ଆଉଟଡୋରରୁ ଇନ୍‌ଡୋରକୁ ରୋଗୀଙ୍କୁ ନେବା ପାଇଁ ବିଭିନ୍ନ ସମୟରେ ଅସୁବିଧା ହେଉଛି। ଏଥିପାଇଁ ଏକ ବ୍ୟାଟେରୀ ଗାଡି କିଣିବାକୁ ବୈଠକରେ ସ୍ଥିର କରାଯାଇଛି।



ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ଅନ୍ୟପକ୍ଷରେ ମେଡିକାଲର ସମସ୍ତ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏହାକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମେଡ଼ିକାଲ ପରିସର ସଫେଇ ଉପରେ ବିଏମ୍‌ସି ଧ୍ୟାନ ଦେବାକୁ କୁହାଯାଇଥିଲା । ଚାରାରୋପଣ ପାଇଁ ସ୍ଥିର ହୋଇଛି। ମେଡିକାଲ ପରିସରରେ ଥିବା ଆଉଟପୋଷ୍ଟର କର୍ମଚାରୀ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସମ୍ପୂର୍ଣ୍ଣ ଭାବେ ପାଚେରୀ ନିର୍ମାଣ, ପାର୍କିଂ ପାଇଁ ସ୍ଥାନ ଚିହ୍ନଟ, ୧.୫୦ କୋଟି ଟଙ୍କା ବ୍ୟୟରେ ଚାଲିଥିବା ସୁପର ସ୍ପେଶିଆଲିଷ୍ଟ ରୁମ୍ ଓ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ କୋଠା ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଜିଲାପାଳ କହିଛନ୍ତି। ଯେଉଁ ଗାଁକୁ ଗୁଡିକୁ ଯୋଗାଯୋଗର ଅସୁବିଧା ଅଛି, ତାହାକୁ ପୋଷ୍ୟ ଭାବେ ଗ୍ରହଣ କରି ବଡ଼ ମେଡିକାଲର ଟିମ୍ ସେଠାକୁ ଯାଇ ସ୍ୱାସ୍ଥ୍ୟ ଶିବିର କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ, ଅତିରିକ୍ତ ଏସପି ପି. କେ. ମିଶ୍ର, ଏମକେସିଜି ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଡିନ୍ ଡା. ରାଧାମାଧବ ତ୍ରିପାଠୀ, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଚରଣ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଡକାୟତି ଘଟଣା, ଆଉ ୩ ଗିରଫ

**ଫିରିଙ୍ଗିଆ, ୨୪।୯**

ଗୋଛାପଡ଼ା ପୋଲିସ ଏକ ଡକାୟତି ଘଟଣାରେ ସୋମବାର ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ୩ ଜଣ ବାଲନ୍ଦାପଡା ପଞ୍ଚାୟତ କଡମପାଙ୍ଗାର ଭୀମସେନ ହାତୀ, ବଲାଙ୍ଗୀର ଅଞ୍ଚଳର ଫକୀର ପରାଭୋଇ ଓ କଳାହାଣ୍ଡି ଜିଲା କେସିଙ୍ଗାର ଶୁଭେନ୍ଦ୍ର ନାଗଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଫଳରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଲୁଇସିଂ ପଞ୍ଚାୟତ କଡ଼ପାଙ୍ଗା ଗ୍ରାମର କାର୍ତ୍ତିକ ବିନ୍ଧାଣୀଙ୍କ ଘରୁ ଗତ ୨୧ତାରିଖ ରାତିରେ ଲୁଟ୍ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ପଲିଥିନ ଗଦାରେ ଆର.ଉଦୟଗିରି, ନୂଆଗଡ଼



**ଆର.ଉଦୟଗିରି,୨୪।୯(ଡି.ଏନ.ଏ.):** ନୂଆଗଡ, ଆର.ଉଦୟଗିରି ସହରରେ ବହୁଳ ପଲିଥିନର ବ୍ୟବହାର ଯୋଗୁ ପରିବେଶ ନଷ୍ଟ ହେବାରେ ଲାଗିଛି। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ନୂଆଗଡ, ଆର.ଉଦୟଗିରି ଓ ଏହାର ଆଖପାଖ ଅଞ୍ଚଳର ବହୁ ବ୍ୟବସାୟି ପ୍ଲାଷ୍ଟିକ ଗ୍ଲାସ, କପ, ପ୍ଲେଟ୍ ଆଦି ସାମଗ୍ରୀ ବିକ୍ରି କରୁଛନ୍ତି। ସହରରେ ମାଂସ, ମାଛ, ପରିବା, ହୋଟଲ ଏବଂ ସବୁ ଦୋକାନରେ ପଲିଥିନର ବହୁଳ ବ୍ୟବହାର କରାଯାଉଛି। ନୂଆଗଡ, ଆର.ଉଦୟଗିରି ମୁଖ୍ୟରାସ୍ତା, ଗାଁର ବିଭିନ୍ନ ସାହି ଓ ଡ୍ରେନରେ ପଲିଥିନ କୁଢ କୁଢ ପଡିରହିଛି। ବୁଲା ଗୋରୁ ଖାଦ୍ୟ ଦ୍ରବ୍ୟ ଲାଗିଥିବା ପଲିଥିନ ଖାଇ ଅସୁସ୍ଥ ହେଉଛନ୍ତି। ସ୍ଥାନିୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ସହରର ବସଷ୍ଟାଣ୍ଡ, ଅତରସିଂ ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖ ଜାଗାରେ ପଲିଥିନ ଗଦା ହୋଇଛି। ଏଥିପାଇଁ ସଂକ୍ରାମକ ରୋଗ ବ୍ୟାପିବା ଆଶାଙ୍କା ରହିଛି। ସରକାରୀ ସ୍ତରରେ ୪୦ ମାଇକ୍ରୋନ ପଲିଥିନ ବ୍ୟବହାର ପାଇଁ ଅନୁମତି ରହିଥିଲେ ମଧ ଲୋକେ ଏହା ମାନୁ ନାହାଁନ୍ତି।

### ଆନ୍ଧ୍ରକୁ ବାଲି ଚାଲାଣ
### ୨ ଟ୍ରକ ଧରିଲେ ଗ୍ରାମବାସୀ

**ପାତ୍ରପୁର,୨୪।୯(ଡି.ଏନ୍.ଏ.):** ପାତ୍ରପୁର ତହସିଲ ଇଲାକାରେ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ସୋମବାର ମଧ ରାତିରେ ଗୁଣ୍ଡୁରା ପଞ୍ଚାତୟ ଅଧୀନ ସୁନାଖଲା ଗ୍ରାମବାସୀ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିବା ୨ ଟ୍ରକକୁ ଧରିଥିଲେ। ଉକ୍ତ ଟ୍ରକରେ ପାଲ ବନ୍ଧା ହୋଇ ପ୍ରତ୍ୟେକ ରାତି ୨/୩ ଟା ମଧରେ ଏହି ଗ୍ରାମ ଦେଇ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିଲା। ଏ ନେଇ ଗ୍ରାମବାସୀ ପୂର୍ବରୁ ଏହାକୁ ରୋକିବା ପାଇଁ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିନଥିଲା। ଭାରିଯାନ ଯାଇ ଗ୍ରାମ ରାସ୍ତା ଖରାପ ହେଉଥିବାରୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ଟ୍ରକକୁ ଧରିଥିଲେ। ଗଣେଶ ପୂଜା ପର୍ବରୁ ବର୍ତ୍ତମାନ ଯାଏ ରାତିରେ ବାଲି ଚାଲାଣ ହେଉଥିବା ଗ୍ରାମବାସୀଙ୍କ କହିଛନ୍ତି। ଏ ନେଇ ଗ୍ରାମବାସୀ ଟ୍ରକ ଚଳାକଙ୍କୁ ପଚାରିବାରୁ ଏହି ବାଲି ପାଣ୍ଡିରି ନିକଟରୁ ଆସୁଥିବା କହିଥିଲେ। ପାଣ୍ଡିରି ଅଞ୍ଚଳ ଟିକିଟି ତହସିଲ ଇଲାକରେ ଯାଉଥିବା ବେଳେ କେଲୁଆ, ପାତ୍ରପୁର, ବାଦପୁର ଦେଇ ଗୁଣ୍ଡୁରା ଓ ସୁନାଖଳାରେ ପ୍ରବେଶ କରି ଆନ୍ଧ୍ରର ଘାଟି ଅଞ୍ଚଳକୁ ଚାଲାଣ କରୁଥିଲେ। ଏହା ପରେ ଆଉ ନେବୁନାହିଁ ବୋଲି କହି ଗାଡ଼ିରେ ଥିବା ବାଲିକୁ ଖାଲି କରିବା ସହ ଜରିମାନା ଦେଇଥିଲେ। ଖବର ପାଇ ଜରଡ଼ା ପୋଲିସ ପହଞ୍ଚିଥିଲେ ମଧ ଗାଁ ସମସ୍ୟା ଆମେ ସମାଧାନ କରିବୁ ବୋଲି ଗ୍ରାମବାସୀ କହିବାରୁ ପୋଲିସ ଚାଲିଯାଇଥିଲା। ବହୁ କଟକଣା ପରେ ମଧ ପାତ୍ରପରୁ ଓ ଟିକିଟ ତହସିଲ ଅଧୀନ ବାହୁଦା ନଦୀରୁ ବାଲି ଚାଲାଣ ହେଉଛି। ଏ ନେଇ ପ୍ରଶାସନ ପାଖରେ କୌଣସି ଖବର ନ ଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

■ ହାଣ୍ଡିଘର ପଞ୍ଚାୟତର ୧୬ ଲକ୍ଷ ୮୫ ହଜାର ଟଙ୍କା ଗାଏବ ଘଟଣା

## ୨ ଗିରଫ, ମୁଖ୍ୟ ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ

**ପୁରୁଷୋତ୍ତମପୁର,୨୪।୯(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ହାଣ୍ଡିଘର ପଞ୍ଚାୟତର ସରକାରୀ ଟଙ୍କା ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ୧୬ ଲକ୍ଷ ୮୫ ହଜାର ୧୨୦ ଟଙ୍କା ଗାଏବ ହୋଇଥିବା ନେଇ ସରପଞ୍ଚ ସୂର୍ଯ୍ୟ ନାରାୟଣ ଗୌଡଙ୍କ ସମେତ ୩ ଜଣଙ୍କ ନାମରେ ଗତ ଜାନୁୟାରୀରେ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ ହୋଇଥିଲା। ନଂ.୧୭/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଘଟଣା ପରେ ସରପଞ୍ଚ ସୂର୍ଯ୍ୟନାରାୟଣ ଫେରାର ହୋଇଯାଇଥିବାବେଳେ ପ୍ରତାପୁରର ବୀରେନ୍ଦ୍ର ବେହେରା ଓ ହାଣ୍ଡିଘରର ସୁଦର୍ଶନ ବେହେରାଙ୍କୁ ପୋଲିସ ବିଭିନ୍ନ ସମୟରେ ଥାନାକୁ ଡାକି ପଚରାଉଚରା କରୁଥିଲା। ଦୀର୍ଘ ୮ମାସ ପରେ ମଙ୍ଗଳବାର ବୀରେନ୍ଦ୍ର ଓ ସୁଦର୍ଶନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ପୋଲିସ ଅଫିସର ଏସ୍‌ଆଇ ସୁନିଲ କୁମାର ପ୍ରଧାନ କହିଛନ୍ତି। ଏନେଇ ବୀରେନ୍ଦ୍ର ଓ ସୁଦର୍ଶନ କହିଛନ୍ତି, ଆମେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ, ଏହି ଟଙ୍କା ନେଇନାହୁଁ। ଘଟଣାର ମୁଖ୍ୟ ଅଭିଯୁକ୍ତ ସରପଞ୍ଚଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି।

ସୂଚନାଯୋଗ୍ୟ ଯେ ପଞ୍ଚାୟତ ପକ୍ଷରୁ ପୁରୁଷୋତ୍ତମପୁର ଷ୍ଟେଟବ୍ୟାଙ୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ମହାନ୍ତି ଓ ସରପଞ୍ଚଙ୍କ ନାମରେ ଆକାଉଣ୍ଟ ରହିଥିଲା। ଏହି ଆକାଉଣ୍ଟରେ ଥିବା ଟଙ୍କାକୁ ସରପଞ୍ଚ ଗତ ଡିସେମ୍ବର ୨୪ରେ ୯ ଲକ୍ଷ ୨୦ ହଜାର ୬୦୫ ଟଙ୍କା ପ୍ରତାପୁର ଗ୍ରାମର ବୀରେନ୍ଦ୍ରଙ୍କ ଆକାଉଣ୍ଟକୁ ଆର୍‌ଟିଜିଏସ ମାଧ୍ୟମରେ ଛାଡିଥିବାବେଳେ ହାଣ୍ଡିଘର ଗ୍ରାମର ସୁଦର୍ଶନଙ୍କ ଆକାଉଣ୍ଟକୁ ୭ ଲକ୍ଷ ୬୪ ହଜାର ୫୧୫ ଟଙ୍କା ପଠାଇଥିଲେ। ଏହାକୁ ଜାଣିନପାରି ନିର୍ବାହୀ ଅଧିକାରୀ ଜାନୁୟାରୀ ୨୧ରେ ପୁରୁଷୋତ୍ତମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରପଞ୍ଚ ବୀରେନ୍ଦ୍ର ଓ ସୁଦର୍ଶନଙ୍କ ଆକାଉଣ୍ଟରୁ ବିଭିନ୍ନ ବାଦଦରେ ଏହି ଟଙ୍କା ଉଠାଇ ନେଇଥିଲେ।

■ ସ୍ୱଚ୍ଛ ପରିବେଶ: ସଭା, ଶୋଭାଯାତ୍ରା

## ପଲିଥିନ୍ ବ୍ୟବହାର ବନ୍ଦ ଲାଗି ଆହ୍ୱାନ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୪।୯(ଡି.ଏନ.ଏ.)**

ସ୍ୱଚ୍ଛ ପରିବେଶ ସହ ସୁସ୍ଥ ଶରୀର ଏବଂ ସ୍ୱଚ୍ଛତା ସମ୍ପର୍କିତ ସଚେତନ ସଭା ଏବଂ ଶୋଭାଯାତ୍ରା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଋଷିମାଳ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଭାସ୍କର ଚରଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କୁ ପରିବଶେ ସ୍ୱଚ୍ଛ ରଖିବା ଦିଗରେ ସଚେତନ କରାଯିବା ସହ ସୁସ୍ଥ ଶରୀର ପାଇଁ ସୁନ୍ଦର ପରିବେଶ ଆବଶ୍ୟକ ବୋଲି କୁହାଯାଇଥିଲା । ଏଥି ସହ ପଲିଥିନ ବ୍ୟବହାର ନ କରିବାକୁ ଆଲୋଚନା କରାଯିବା ସହ ଅଞ୍ଚଳକୁ ମଇଳା ମୁକ୍ତ ପାଇଁ ସମସ୍ତ ଛାତ୍ରୀଛାତ୍ର ଅଳିଆ ଆବର୍ଜନା ସଫା କରିଥିଲେ । ପରେ ପ୍ଲାକାର୍ଡ଼ ଧରି ପରିବେଶ ସ୍ୱଚ୍ଛ ରଖିବା ସହ ସ୍ୱାସ୍ଥ୍ୟ ହିଁ ଆମ ସମ୍ପଦ ବୋଲି ଲୋକଙ୍କୁ ବୁଝାଇଥିଲେ। ଏକ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ନାୟକଙ୍କ ସମେତ ଅଧ୍ୟାପକ ଉପେନ୍ଦ୍ର ଛଟେଇ, ଅକ୍ଷୟ କୁମାର ବେହେରଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।



ସଚେତନତା ଶୋଭାଯାତ୍ରା।




■ ମହିଳାଙ୍କୁ କାମୁଡ଼ିବା ଅଭିଯୋଗ

## ସ୍ୱାମୀ–ସ୍ତ୍ରୀ ଗଲେ ଜେଲ

**ଦିଗପହଣ୍ଡି,୨୪।୯(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଭୁଷୁଣ୍ଡା ଗ୍ରାମରେ ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ହିଂସାକୁ କେନ୍ଦ୍ରକରି ଗାଁ ରାସ୍ତାରେ ଦୁଇ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ମହିଳା ଓ ତାଙ୍କ ସ୍ୱାମୀ ଅନ୍ୟ ଜଣ ମହିଳାଙ୍କ ଦୁଇ କାନକୁ କାମୁଡି ଛିଣ୍ଡାଇ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଏତଲା ହେବା ପରେ ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ. ୧୯୧/୧୯ ଦଫା ୩୪୧/୩୨୩/୩୨୪/୩୫୪(ଖ)/୨୯୪/୫୦୬/୩୭୯/୩୪ ଅନୁଯାୟୀ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲେ। ସେମାନେ ହେଲେ ଭୁଶୁଣ୍ଡା ଗାଁର ଲଳିତ ସାସମଲ ଓ ତାଙ୍କ ସ୍ତ୍ରୀ ଝୁନୁ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇଯାଇଛି।

ପ୍ରକାଶ ଯେ, ସକାଳେ ଗାଁର କଲ୍ୟାଣୀ ପ୍ରଧାନ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ। ଏହି ସମୟରେ ପାଣି ଆଣିବାକୁ ଯାଇଥିବା ଝୁନୁଙ୍କ ସହିତ ପାରିବାରିକ ବିବାଦ କାରଣରୁ ବଚସା ହୋଇଥିଲା। ପରେ ଝୁନୁ ଉତ୍ତେଜିତ ହୋଇ କଲ୍ୟାଣୀଙ୍କ ଡାହାଣ କାନକୁ କାମୁଡି ଛିଣ୍ଡାଇ ଦେଇଥିଲେ। ବାମ କାନର ସୁନା ଫୁଲକୁ ଚିଣ୍ଡାଇ ନେଇଥିଲେ। ପରେ ଘଟଣାସ୍ଥଳକୁ ଆସି ଝୁନୁଙ୍କ ସ୍ୱାମୀ ଲଳିତ ମଧ କଲ୍ୟାଣୀଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ କଲ୍ୟାଣୀଙ୍କୁ ପରିବାର ଲୋକେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସମ୍ପତ୍ତି ଭାଗ ବଣ୍ଟନକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଏଭଳି ଘଟଣା ଘଟିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ମଧୁସ୍ମିତା ପ୍ରଧାନ କହିଛନ୍ତି।

## ୮ ଜୁଆଡ଼ି ଗିରଫ

**ପୋଲସରା,୨୪।୯:** ପୋଲସରା ଥାନା ଅଧୀନ କଣଛାଇ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ଚଢ଼ାଉ କରି ୮ ଜଣ ଜୁଆଡ଼ିଙ୍କୁ ଗିରଫ କରିଛନ୍ତି। ସେଠାରୁ ୧୭ ହଜାର ୩୦ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୧୯୮/୧୯ରେ ମାମଲା ରୁଜୁ ହୋଇଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ